**OFFICE OF THE COLLECTOR & DISTRICT MAGISTRATE, PURI**

**ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ , ପୁରୀ**

Tel: 06752- 222033 (R) 222034 (O) Fax No. : 223939

website: www.puri.nic.in E-Mail: dm.puri@nic.in

**ନଂ- ୧୪୩, ତା- ୧୪.୦୧.୨୦୨୫**

# ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗୃହ ବିଭାଗର ରିଜୋଲ୍ୟୁସନ୍ ନଂ 26/C ତା 13.01.25 ଅନୁସାରେ ଦେଶର ଜରୁରୀ କାଳୀନ ପରିସ୍ଥିତିରେ ମିସା, ଡିଆଇଏସଆଇଆର ଏବଂ ଡିଆଇଆର ଆଇନରେ ବିଭିନ୍ନ ଜେଲରେ ତା 25.06.1975 ରୁ 21.03.1977 ମଧ୍ୟରେ ବନ୍ଦୀ/ ଅଟକ ଥିବା ଏବଂ 01.01.2025 ସୁଦ୍ଧା ଜୀବିତ ଥିବା ବ୍ୟକ୍ତି ମାନଙ୍କୁ ମାସକୁ ୨୦ ହଜାର ଟଙ୍କାର ପେନସନ ସହିତ ମାଗଣାରେ ସେମାନଙ୍କର ସମସ୍ତ ଚିକିତ୍ସା ସୁବିଧା ନିମନ୍ତେ ସେମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏ ସମ୍ବନ୍ଧୀୟ ସୂଚନା ଜିଲ୍ଲା ୱେବ ସାଇଟ https://puri.odisha.gov.in ରେ ଉପଲବ୍ଧ। ପୁରୀ ଜିଲ୍ଲା ରେ ଯେଉଁମାନେ ଯୋଗ୍ୟ ଓ ଇଚ୍ଛୁକ ସେମାନେ ନିଜର ପୂର୍ଣ୍ଣ ଠିକଣା ସହ ଆଧାର ଓ ମୋବାଇଲ ନମ୍ବର, ତିନି ଜଣ ସହବନ୍ଦୀଙ୍କ ନାମ ଓ ଠିକଣା, କୌଣସି ଅପରାଧୀକ କାର୍ଯ୍ୟକଳାପରେ ଜଡିତ ନ ଥିବା ଓ ବନ୍ଦୀ ଥିବା ତଥ୍ୟ ସମ୍ବନ୍ଧୀୟ ସତ୍ୟପାଠ (ଆଫିଡେଭିଟ), ନିଜର ବର୍ତ୍ତମାନ ର ପାସପୋର୍ଟ ସାଇଜ ଫଟୋ, ନିଜ ବ୍ୟାଙ୍କ ପାସବୁକର ସମ୍ପୂର୍ଣ୍ଣ ତଥ୍ୟ, କେଉଁ ଟ୍ରେଜେରୀରୁ ଅର୍ଥ ନେବା ପାଇଁ ଚାହିଁବେ ତାହାର ନାମ ଉଲ୍ଲେଖ କରିବା ସହ ସଂପୃକ୍ତ କାଗଜାଦି ପତ୍ର ନିର୍ଦ୍ଦିଷ୍ଟ ଫର୍ମ ରେ ସଂଲଗ୍ନ କରି ବିଜ୍ଞପ୍ତି ପ୍ରକାଶ ପାଇବାର 4 ସପ୍ତାହ ମଧ୍ୟରେ ଜିଲ୍ଲାପାଳଙ୍କୁ ଆବେଦନ କରିପାରିବେ।

ଜିଲ୍ଲାପାଳ, ପୁରୀ

**ଜ୍ଞାପକ ସଂଖ୍ୟା - ୧୪୪ / ଜୁଡିସିଆଲ, ତା ୧୪.୦୧.୨୫ ରିଖ**

ଏହାର ଏକକିତା ନକଲ ଓ ଚିଠି ନଂ-୨୬/c, ତା-୧୩.୦୧.୨୦୨୫ ର ନକଲ ଆରକ୍ଷୀ ଅଧୀକ୍ଷକ, ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ପୁରୀ

**ଜ୍ଞାପକ ସଂଖ୍ୟା - ୧୪୫ / ଜୁଡିସିଆଲ, ତା ୧୪.୦୧.୨୫ ରିଖ**

ଏହାର ଏକକିତା ନକଲ ଓ ଚିଠି ନଂ-୨୬/c, ତା-୧୩.୦୧.୨୦୨୫ ର ନକଲ ଜିଲ୍ଲା କାରାଗାର ଅଧିକ୍ଷକ, ପୁରୀ/ କାରାଗାର ଅଧିକ୍ଷକ, ନିମାପଡା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନେ କାରାଗାର ରେକର୍ଡ ତନଖି କରି ଏହିପରି ଅଟକ ଥିବା ବ୍ୟକ୍ତିଙ୍କ ନାମ ଜିଲ୍ଲା କାର୍ଯ୍ୟାଳୟକୁ ତା ୨୦.୦୧.୨୦୨୫ ସୁଦ୍ଧା ପ୍ରେରଣା କରିବେ।

ଜିଲ୍ଲାପାଳ, ପୁରୀ

**OFFICE OF THE COLLECTOR & DISTRICT MAGISTRATE, PURI**

**ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ , ପୁରୀ**

Tel: 06752- 222033 (R) 222034 (O) Fax No. : 223939

website: www.puri.nic.in E-Mail: dm.puri@nic.in

**ଜ୍ଞାପକ ସଂଖ୍ୟା - ୧୪୬ / ଜୁଡିସିଆଲ, ତା ୧୪.୦୧.୨୫ ରିଖ**

ଏହାର ଏକକିତା ନକଲ ଓ ଚିଠି ନଂ-୨୬/c, ତା-୧୩.୦୧.୨୦୨୫ ର ନକଲ ପୁରୀ ଜିଲ୍ଲାର ସମସ୍ତ ଭାରପ୍ରାପ୍ତ ଥାନାଧୀକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନେ ସେମାନଙ୍କର ସ୍ଥାନୀୟ ଅନୁସନ୍ଧାନରୁ ଏହିପରି ଅଟକ ବ୍ୟକ୍ତିଙ୍କ ନାମ ସଂଗ୍ରହ କରିବେ ଏବଂ ସେମାନଙ୍କୁ ସୁବିଧା କରିବେ ଯାହା ଦ୍ୱାରା ସେମାନେ ତା ୨୦.୦୧.୨୦୨୫ ସୁଦ୍ଧା ଆବେଦନ କରିପାରିବେ।

ଜିଲ୍ଲାପାଳ, ପୁରୀ

**ଜ୍ଞାପକ ସଂଖ୍ୟା - ୧୪୭ / ଜୁଡିସିଆଲ, ତା ୧୪.୦୧.୨୫ ରିଖ**

ଏହାର ଏକକିତା ନକଲ ଓ ଚିଠି ନଂ-୨୬/c, ତା-୧୩.୦୧.୨୦୨୫ ର ନକଲ ପୁରୀ ଜିଲ୍ଲାର ସମସ୍ତ ତହସିଲଦାର/ ସମସ୍ତ ବ୍ଲକ ଉନ୍ନୟନ ଅଧୀକାରୀ/ ନିର୍ବାହୀ ଅଧୀକାରୀ , ପୁରୀ ପୌରପାଳିକା, ପୁରୀ/ ସମସ୍ତ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧୀକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନେ ସେମାନଙ୍କର ସ୍ଥାନୀୟ ଅନୁସନ୍ଧାନରୁ ଏହିପରି ଅଟକ ବ୍ୟକ୍ତିଙ୍କ ନାମ ସଂଗ୍ରହ କରିବେ ଏବଂ ସେମାନଙ୍କୁ ସୁବିଧା କରିବେ ଯାହା ଦ୍ୱାରା ସେମାନେ ତା ୨୦.୦୧.୨୦୨୫ ସୁଦ୍ଧା ଆବେଦନ କରିପାରିବେ।

ଜିଲ୍ଲାପାଳ, ପୁରୀ

**ଜ୍ଞାପକ ସଂଖ୍ୟା - ୧୪୮ / ଜୁଡିସିଆଲ, ତା ୧୪.୦୧.୨୫ ରିଖ**

ଏହାର ଏକକିତା ନକଲ ଓ ଚିଠି ନଂ-୨୬/c, ତା-୧୩.୦୧.୨୦୨୫ ର ନକଲ ଡି.ଇ.ଜି.ଏମ, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହା ସହିତ ଏହି ବିଜ୍ଞାପନକୁ ସରକାରୀ ୱେବସାଇଟରେ ଅପ୍ ଲୋଡ କରିବା ନିମନ୍ତେ ଅନୁରୋଧ କରାଯାଉଅଛି ।

ଜିଲ୍ଲାପାଳ, ପୁରୀ